**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

**Question Booklet Series Code : A** **Question Book Sl. No. GK :**

408237

**Time Allowed: 01.30 hours**
**ନିର୍ଦ୍ଧାରିତ ସମୟ : ଘ୦୧.୩୦ମିନିଟ୍**

# JC-2015

**Maximum Mark: 100**
**ସର୍ବାଧିକ ମାର୍କ : ୧୦୦**

Read the following instructions carefully before you begin to answer the questions. This Booklet contains 100 objective type questions with multiple choice answers on General Knowledge both in English and Odia language. In case of discrepancy in meaning, the English version will prevail.

ପ୍ରଶ୍ନଗୁଡିକର ଉତ୍ତର କରିବାପୂର୍ବରୁ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଯତ୍ନସହକାରେ ପଢନ୍ତୁ । ଏହି ପୁସ୍ତିକାରେ ସାଧାରଣ ଜ୍ଞାନ ଉପରେ 100ଟି ବିବିଧ ଉତ୍ତର ଯୁକ୍ତ ସଂକ୍ଷିପ୍ତ ପ୍ରଶ୍ନ ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ଦିଆଯାଇଅଛି । ଅର୍ଥବୋଧରେ କିଛି ତାରତମ୍ୟ ଥିଲେ ଇଂରାଜୀ ଭାଷା ବଳବତ୍ତର ରହିବ ।

## INSTRUCTIONS FOR CANDIDATES

1. This Booklet contains in all 100 objective type questions with multiple choice answerson General Knowledge.
2. All questions are compulsory and carry one mark each.
3. Before answering any question, checkup this Booklet and ensure that it contains 23 pages and no page is missing, mutilated or repeated. In case of any defect replace it immediately.
4. The Invigilator shall supply you the bank OMR Answer Sheet separately. Enter your Roll Number, Question Booklet Serial Number and Question Booklet Series Code and darken the corresponding circle/oval provided on left side of the Answer Sheet carefully by black/blue ball point penonly. You must write the name, date and center of examination and put your full signature in the appropriate spaces provided therein before answering any question.
5. A machine will read the coded information furnished by you in the OMR Answer Sheet. If the information so furnished by you are incomplete or different from what have been given in the application form, you will be awarded Zero mark.
6. These instructions must be complied with fully failing which your Answer Sheet will not be evaluated and Zero mark will be awarded.
7. Answer must be given by completely blackening one of the four circles/ovals representing the correct answer given on right side of the Answer Sheet corresponding to the relevant question number by using Black/Blue ball point pen only. Answers not shown by black/blue ball point pen shall not be awarded any mark.
8. Failure to hand over the Answer Sheet to the Invigilator before leaving the examination hall/room will make you liable to penal action.
9. Read carefully the instructions of answering each question before answering it.
10. Answer the questions as quickly and carefully as you can. Some questions may be easy and others difficult. Don't spend too much time on any question.
11. No Rough work has to be done on the OMR Answer Sheet. Space for rough work has been provided below the questions wherever needed.
12. You must not carry into the examination hall/ room any book, mobile phones or electronic devices printed/handwritten papers except the Admission Letter.

Failure to comply with any of the above instructions will be considered as using unfair means and action as deemed proper will be taken against the violators.

## ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କପାଇଁ ନିର୍ଦ୍ଦେଶାବଳୀ

୧.ଏହି ପୁସ୍ତିକାରେ ସାଧାରଣ ଜ୍ଞାନ ଉପରେ ମୋଟ ୧୦୦ଟି ବିବିଧ ଉତ୍ତର ଯୁକ୍ତ ସଂକ୍ଷିପ୍ତ ପ୍ରଶ୍ନ ଅଛି।

୨. ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଏବଂ ପ୍ରତ୍ୟେକରେ ଏକ ମାର୍କ ରହିଛି।

୩. କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ପୁସ୍ତିକାଟି ତନଖି ଦେଖନ୍ତୁକି ଏଥିରେ ୨୩ ଟି ପୃଷ୍ଠା ଅଛି ଓ କୌଣସି ପୃଷ୍ଠା ଛାଡି, ନଷ୍ଟ କିମ୍ବା ପୁନରାବୃତ୍ତି ହୋଇନାହିଁ । କୌଣସି ତ୍ରୁଟିଥିଲେ ତାକୁ ତୁରନ୍ତ ବଦଳ କରାଇନିଅନ୍ତୁ।

୪. ପରୀକ୍ଷକ ଆପଣଙ୍କୁ ସ୍ୱତନ୍ତ୍ରଭାବେ ଓଏମାର୍ ଉତ୍ତରଫର୍ଦ୍ଦ ଦେବେ । ଉତ୍ତରଫର୍ଦ୍ଦର ବାମ ପାର୍ଶ୍ୱରେ ଯଥା ସ୍ଥାନରେ ଆପଣଙ୍କ ରୋଲନମ୍ବର, ପ୍ରଶ୍ନପୁସ୍ତିକା କ୍ରମିକନମ୍ବର ଏବଂ ପ୍ରଶ୍ନପୁସ୍ତିକା ସିରିଜ କୋର୍ଡ ଉଲ୍ଲେଖ କରନ୍ତୁ ଏବଂ ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ ପେନ୍ ଦ୍ୱାରା କାଳି କରନ୍ତୁ । ଏଠାରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ପରୀକ୍ଷାର ନାମ, ତାରିଖ ଓ କେନ୍ଦ୍ର ନିଶ୍ଚିତ ଭାବେ ଲେଖନ୍ତୁ ଏବଂ କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ଆପଣଙ୍କ ପୁରା ଦସ୍ତଖତ ଦିଅନ୍ତୁ ।

୫. ଓଏମାର୍ ଉତ୍ତରଫର୍ଦ୍ଦରେ ଆପଣ ଉଲ୍ଲେଖ କରିଥିବା ସାଙ୍କେତିକ ତଥ୍ୟକୁ ଗୋଟିଏ ଯନ୍ତ୍ର ପଠନ କରିବ । ତେଣୁ ଆପଣଙ୍କ ଏହି ପ୍ରଦତ୍ତ ତଥ୍ୟ ଯଦି ଦରଖାସ୍ତ ଫର୍ମରେ ଦିଆଯାଇଥିବା ତଥ୍ୟଠାରୁ ଫରକ କିମ୍ବା ଅସମ୍ପୂର୍ଣ୍ଣ ହୁଏ, ଆପଣଙ୍କୁ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୬.ଏହି ନିର୍ଦ୍ଦେଶାବଳୀକୁ ସଂପୂର୍ଣ୍ଣଭାବେ ନିଶ୍ଚିତ ପାଳନକରନ୍ତୁ , ଅନ୍ୟଥା ଆପଣଙ୍କ ଉତ୍ତରପତ୍ର ମୂଲ୍ୟାୟନ କରାଯାଇପାରିବ ନାହିଁ ଏବଂ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।

୭. ଉତ୍ତରଫର୍ଦ୍ଦର ଡାହାଣ ପାର୍ଶ୍ୱରେ ଥିବା ସମ୍ପୃକ୍ତ ପ୍ରଶ୍ନ ସଂଖ୍ୟାର ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ ପେନ୍ ଦ୍ୱାରା ନିଶ୍ଚିତ ସଂପୂର୍ଣ୍ଣଭାବେ କାଳି କରି ଉତ୍ତର ଦିଅନ୍ତୁ ।କଳା/ନୀଳ ବଲ ପଏଣ୍ଟ ପେନ୍ ଦ୍ୱାରା ଦର୍ଶାଯାଇନଥିବା ଉତ୍ତର ପାଇଁ କୌଣସି ମାର୍କ ଦିଆଯିବ ନାହିଁ ।

୮. ପରୀକ୍ଷା ହଲ/କୋଠରୀ ଛାଡିବା ପୂର୍ବରୁ ଆପଣଙ୍କ ଉତ୍ତରପତ୍ର ପରୀକ୍ଷକଙ୍କୁ ହସ୍ତାନ୍ତର କରିନପାରିଲେ ଆପଣ ଆଇନାନୁଯାୟୀ ଦଣ୍ଡନୀୟ ହେବେ ।

୯. ଉତ୍ତର ଦେବାପୂର୍ବରୁ ପ୍ରତ୍ୟେକ ପ୍ରଶ୍ନରଉତ୍ତର ପ୍ରଦାନ ନିର୍ଦ୍ଦେଶାବଳୀ ଯତ୍ନସହକାରେ ପଢନ୍ତୁ ।

୧୦. ଯେତେ ଶୀଘ୍ର ଓ ଯତ୍ନସହକାରେ ପାରିବେ ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତୁ । କେତେକ ପ୍ରଶ୍ନ ସହଜ ଓ ଅନ୍ୟ କେତେକ କଠିନ ହୋଇପାରେ । କୌଣସି ପ୍ରଶ୍ନରେ ଅତ୍ୟଧିକ ସମୟ ନଷ୍ଟକରନ୍ତୁ ନାହିଁ ।

୧୧.ଓଏମାର୍ ଉତ୍ତରଫର୍ଦ୍ଦରେ ରଫ୍ କାମ କରିବେ ନାହିଁ । ଯେଉଁଠି ଦରକାରପ୍ରଶ୍ନଗୁଡିକର ତଳେ ରଫ୍ କାମପାଇଁ ଖାଲିଜାଗା ଦିଆଯାଇଅଛି ।

୧୨. ପ୍ରବେଶ ପତ୍ର ବ୍ୟତୀତ କୌଣସି ବହି, ଛାପା/ହାତଲେଖାକାଗଜ, ମୋବାଇଲ ଫୋନ୍ କିମ୍ବା ବୈଦ୍ୟୁତିକ ଉପକରଣ ଆପଣ ପରୀକ୍ଷା ହଲ/କୋଠରୀ ଭିତରକୁ ନେଇ ପାରିବେ ନାହିଁ ।

ଉପରୋକ୍ତ ନିର୍ଦ୍ଦେଶାବଳୀରୁ କୌଣସିଟି ଅନୁପାଳନରେ ଖିଲାପକଲେ ଏହାକୁ ଅସତ ଉପାୟ ଅବଲମ୍ବନବୋଲି ବିବେଚନା କରାଯିବ ଏବଂ ଉଲଘଂନକାରୀଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟ ଅନୁଷ୍ଠାନ କରାଯିବ ।

SEAL

**DO NOT OPEN THE SEAL OF THE QUESTION BOOKLET UNTIL YOU ARE TOLD TO DO SO**

1. The 'Ebola' virus is named after the River Ebola which is located in-

A) Federal Republic of Nigeria
B) Democratic Republic of Congo
C) Republic of Senegal
D) Commonwealth of Virginia, US

'ଇବୋଲା' ନଦୀ ଯାହାର ନାମ ଅନୁସାରେ 'ଇବୋଲା' ଭୁତାଣୁର ନାମକରଣ କରାଯାଇଅଛି, ତାହା କେଉଁ ଦେଶରେ ଅବସ୍ଥିତ ?

A) ନାଇଜେରିଆ ଫେଡେରାଲ ରିପବ୍ଲିକ
B) କଙ୍ଗୋ ଡେମୋକ୍ରେଟିକ ରିପବ୍ଲିକ
C) ସେନେଗଲ ରିପବ୍ଲିକ
D) ଭରଜିନିଆ କମନୱେଲ୍ଥ, ଆମେରିକା

2. "The right to vote is a sacred right and an onerous responsibility that you owe to the motherland"- was said by-

A) T.N.Shesan
B) R.K.Dwivedi
C) C.Rajgopalachari
D) A.P.J Abdul Kalam

ଭୋଟ ଦେବା ଗୋଟିଏ ପବିତ୍ର ଅଧିକାର ଏବଂ କଷ୍ଟକର ଦାୟୀତ୍ୱ ଯାହାକି ମାତୃଭୂମି ପାଇଁ ସମ୍ପାଦନ କରିବାକୁ ତୁମେ ଦାୟୀ - ଏ ଉକ୍ତିଟିର ଲେଖକ କିଏ ?

A) ଟି.ଏନ ଶେଷାନ
B) ଆର.କେ. ଦ୍ୱିବେଦୀ
C) ସି. ରାଜଗୋପାଳଚାରୀ
D) ଏ.ପି.ଜେ. ଅବଦୁଲ କାଲାମ୍

3. Pick out the incorrect pair of the important year and the event that occurred in it from the following-

| Sl.No. | Year | Event |
|---|---|---|
| 1. | 1815 | Birth of Indian National Congress |
| 2. | 1962 | $3^{rd}$ General Election |
| 3. | 1965 | Indo Pak War in Ran of Kutch and Ceasefire in June |
| 4. | 1971 | Indo-Pak War. Bangladesh got Independence |

A) Sl.No. 1 B) Sl.No. 2 C) Sl.No. 3 D) Sl.No.4

ନିମ୍ନରେ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ବର୍ଷ ଏବଂ ସେଇ ବର୍ଷର ସଂଗଠିତ ଘଟଣାବଳୀର ଯୋଡିମାନଙ୍କ ମଧ୍ୟରୁ କେଉଁଟି ଭୁଲ ଚୟନ କର ।

| କ୍ରମିକ ସଂଖ୍ୟା | ବର୍ଷ | ଘଟଣାବଳୀ |
|---|---|---|
| 1 | 1815 | ଭାରତୀୟ ଜାତୀୟ କଙ୍ଗ୍ରେସର ଜନ୍ମ |
| 2 | 1862 | ତୃତୀୟ ସାଧାରଣ ନିର୍ବାଚନ |
| 3 | 1965 | କଚର ରାନ ଠାରେ ଭାରତ ଓ ପାକିସ୍ତାନ ଯୁଦ୍ଧ ଏବଂ ଜୁନରେ ଯୁଦ୍ଧ ବିରତି |
| 4 | 1971 | ଭାରତ ଓ ପାକିସ୍ତାନ ଯୁଦ୍ଧ ଓ ବାଙ୍ଗଲାଦେଶର ସ୍ୱାଧୀନତା |

A) Sl.No. 1 B) Sl.No. 2 C) Sl.No. 3 D) Sl.No.4

4. Which of the following countries are respectively the largest producers of Rice, Rubber and Steel?
A) China, Thailand & China
B) India, Bangladesh & India
C) Russia, Thailand & Russia
D) Bangladesh, Malaysia & Mexico
ନିମ୍ନ ଲିଖିତ କେଉଁ ଦେଶ ଯଥାକ୍ରମେ ଚାଉଳ, ରବର ଏବଂ ଇସ୍ପାତର ସର୍ବ ବୃହତ ଉତ୍ପାଦନକାରୀ?
A) ଚୀନ, ଥାଇଲାଣ୍ଡ ଏବଂ ଚୀନ
B) ଭାରତ, ବାଂଲାଦେଶ ଏବଂ ଭାରତ
C) ରୁଷିଆ, ଥାଇଲାଣ୍ଡ ଏବଂ ରୁଷିଆ
D) ବାଂଲାଦେଶ, ମାଲେସିଆ, ଏବଂ ମେକ୍ସିକୋ

5. Find out which of the following statements of Invention/Discovery, Scientist & Year is incorrect?

| Sl. No. | Invention/Discovery | Scientist | Year |
|---|---|---|---|
| 1. | Island of Tasmania and Newzeeland | Tasman (Dutch) | 1642 |
| 2. | Cape of Good Hope | Vasco da Gama, Portuguese | 1498 |
| 3. | South Pole (Explored) | Amundsen (Norway) | 1911 |
| 4. | Suez Canal | Ferdinand de Lesseps | 1869 |
| 5. | Solar System | Galileo, Italy | 1540 |

A) Sl.No.2 B) Sl.No.3 C) Sl.No.4 D) Sl.No.5

ଉଦ୍ଭାବନ, ଆବିଷ୍କାର, ସମ୍ପୃକ୍ତ ବୈଜ୍ଞାନିକ ଏବଂ ବର୍ଷ ସମ୍ବନ୍ଧୀୟ ନିମ୍ନଲିଖିତ କେଉଁ ବାକ୍ୟଟି ଭୁଲ ବାଛ –

| କ୍ରମିକ ସଂଖ୍ୟା | ଉଦ୍ଭାବନ/ଆବିଷ୍କାର | ସମ୍ପୃକ୍ତ ବୈଜ୍ଞାନିକ | ବର୍ଷ |
|---|---|---|---|
| 1. | ତାସମାନିଆ ଏବଂ ନେଉଜିଲାଣ୍ଡ ଦ୍ୱୀପ | ଟାସମାନ (ଡଚ୍) | 1642 |
| 2. | କେପ ଅଫ ଗୁଡ ହୋପ | ଭାସ୍କୋଡାଗାମା | 1498 |
| 3. | ଦକ୍ଷିଣ ମେରୁ | ଆମୁଣ୍ଡସେନ(ନରୱେ) | 1911 |
| 4. | ସୁଏଜ କେନାଲ | ଫେର୍ଡିନାଣ୍ଡ ଡି ଲେଶେପ | 1869 |
| 5. | ସୌର ମଣ୍ଡଳ | ଗାଲିଲିଓ, ଇଟାଲୀ | 1540 |

A) Sl.No.2 B) Sl.No.3 C) Sl.No.4 D) Sl.No.5

6. Find out the incorrect one out of the following pairs of sportsperson and the sports he/she is associated with.
A) Anuradha Biswal-Atletics
B) Jyoti Sunita Kullu- Hockey
C) Valena Valentina-Chess
D) Sradhanjali Samantaray- Football
ନିମ୍ନ ଲିଖିତ ଖେଳାଳୀ ଏବଂ ସେ ସଂଶ୍ଳିଷ୍ଟ ଥିବା ଖେଳର ଯୋଡି ମାନଙ୍କ ମଧ୍ୟରୁ କେଉଁଟି ଭୁଲ୍ ଚିହ୍ନଟ କର ।
A) ଅନୁରାଧା ବିଶ୍ୱାଳ – ଏଥ୍ଲେଟିକ୍ସ
B) ଜ୍ୟୋତି ସୁନିତା କୁଲୁ – ହକି
C) ଭାଲେନା ଭାଲେନଟିନା – ଚେସ
D) ଶ୍ରଦ୍ଧାଞ୍ଜଳି ସାମନ୍ତରାୟ – ଫୁଟବଲ

7. Which of the following pairs of Trophy and Sports it is associated with is incorrect?
A) Ranga swami Cup - Hockey
B) Champions Trophy - Cricket
C) Durand Cup - Table Tennis
D) Wimbledon Trophy - Lawn Tennis
ନିମ୍ନରେ ପ୍ରଦତ୍ତ ଟ୍ରଫି ଏବଂ ତାହା ସହିତ ସଂଶ୍ଳିଷ୍ଟ ଖେଳର ନାମ ଯୋଡି ମାନଙ୍କ ମଧ୍ୟରୁ କେଉଁଟି ଭୁଲ ଚୟନ କର ?
A) ରଙ୍ଗସ୍ୱାମୀ କପ - ହକି
B) ଚମ୍ପିଆନ୍ସ ଟ୍ରଫି - କ୍ରିକେଟ
C) ଡୁରାଣ୍ଡ କପ - ଟେବୁଲ ଟେନିସ
D) ଉଇମ୍ବେଲ୍ଡନ ଟ୍ରଫି - ଲନ ଟେନିସ

8. The British forces defeated Nawab Siraj-ud-daulah and put the traitor Mir Zafer on the throne of Bengal in the battle of-

A) Battle of Panipat B) Battle of Plassey C) Battle of Buxar D) Battle of Terrain

କେଉଁ ଯୁଦ୍ଧରେ ବ୍ରିଟିଶ ସୈନ୍ୟବାହିନୀ ନବାବ ସିରାଜ-ଉଦ-ଦଉଲାଙ୍କୁ ପରାସ୍ତ କରିଥିଲେ ଏବଂ ବିଶ୍ୱାସଘାତକ ମିରଜାଫରଙ୍କୁ ବଂଗର ସିଂହାସନରେ ବସାଇ ଥିଲେ ।

A) ପାନିପଥ ଯୁଦ୍ଧ B) ପଲାସି ଯୁଦ୍ଧ C) ବକ୍ସାର ଯୁଦ୍ଧ D) ଟିରାଇନ ଯୁଦ୍ଧ

9. Voting age of the Indian citizen was reduced from 21 to 18 by-

A) 53rd amendment, 1986 C) 55th amendment, 1986

B) 61st amendment, 1989 D) 62nd amendment, 1989

ଭାରତୀୟ ନାଗରିକଙ୍କ ଭୋଟ ଦାନ ବୟସ କେଉଁ ସମ୍ବିଧାନ ସଂଶୋଧନ ଦ୍ୱାରା 21 ରୁ 18 କୁ ହ୍ରାସ କରାଗଲା ?

A) 53rd amendment, 1986 C) 55th amendment, 1986

B) 61st amendment, 1989 D) 62nd amendment, 1989

10. What quantity of blood is there in a normal human body?

A) 10 litres or 10% of body weight C) 7 litres or 7% of body weight

B) 8 litres or 8% of body weight D) None of these is correct

ଜଣେ ସାଧାରଣ ମଣିଷ ଶରୀରରେ କେତେ ପରିମାଣ ରକ୍ତ ଅଛି ?

A) ଶରୀର ଓଜନର 10% ବା 10 ଲିଟର C) ଶରୀର ଓଜନର 7% ବା 7 ଲିଟର

B) ଶରୀର ଓଜନର 8% ବା 8 ଲିଟର D) କୌଣସିଟି ଠିକ ନୁହେଁ

11. Which of the following statements is not true of liver?

A) It is black in colour. C) It is the largest gland in the body.

B) It weighs about 40 to 60 ounces. D) It helps in digesting food.

ନିମ୍ନୋକ୍ତ କେଉଁ ବାକ୍ୟଟି ଯକୃତ ପାଇଁ ସତ୍ୟ ନୁହେଁ ?

A) ଏହାର ରଙ୍ଗ କଳା C) ଏହା ଶରୀରର ସର୍ବ ବୃହତ ଗ୍ରନ୍ଥି

B) ଏହାର ଓଜନ 40- 60ଆଉନ୍ସ D) ଖାଦ୍ୟ ହଜମ ପ୍ରକ୍ରିୟାକୁ ସାହାଯ୍ୟ କରେ

12. Veer Surendra Sai was kept in which jail till the end of his life on 28.02.1884?

A) Nagpur B) Hazaribagh C) Asirgarh D) Fort William

ବୀର ସୁରେନ୍ଦ୍ରସାଏ ତାଙ୍କ ଜୀବନର ଶେଷ ଦିନ 28.02.1884 ପର୍ଯ୍ୟନ୍ତ କେଉଁ ଜେଲ୍ ରେ ଥିଲେ ?

A) ନାଗପୁର B) ହଜାରିବାଗ C) ଆସିଗଡ D) ଫୋର୍ଟ ୱିଲିଅମ

13. Which of the following rivers in Odisha is east flowing-

A) Bhaskel B) Nagabali C) Poteru D) Sileru

ଓଡିଶାର ନିମ୍ନଲିଖିତ କେଉଁ ନଦୀ ପୂର୍ବକୁ ପ୍ରବାହିତ ହେଉଅଛି?

A) ଭାସକେଲ B) ନାଗାବଳୀ C) ପୋଟେରୁ D) ସିଲେରୁ

14. "Elisa" test is associated with –

A) Bird flu B) Encephalitis C) AIDS D) None of these

"ଏଲିସା" ପରୀକ୍ଷା କାହା ସହିତ ଜଡିତ?

A) ବାର୍ଡ ଫ୍ଲୁ B) ଏନସେଫାଲାଇଟିସ୍ C) ଏଡ୍ସ D) କୌଣସିଟି ନୁହେଁ

**15.** The Latitude of the Tropic of Cancer is-

A) 21.5 degree north B) 22.5 degree north C) 23.5 degree north D) None of these

କର୍କଟ କ୍ରାନ୍ତିର ଅକ୍ଷାଂଶ କେତେ ?

A) 21.5 degree north B) 22.5 degree north C) 23.5 degree north D) କୌଣସିଟି ନୁହେଁ

**16.** Who wrote, "Every man is a moon, and has a dark side which he never shows to anybody"?

A) Gopinath Mohanty B) Arundhati Ray C) William Shakespeare D) Mark Twain

ପ୍ରତ୍ୟେକ ମଣିଷ ଗୋଟିଏ ଚନ୍ଦ୍ର ଏବଂ ତାର ଗୋଟିଏ ଅନ୍ଧକାର ପାର୍ଶ୍ୱ ଅଛି ଯାହାକୁ ସେ କୌଣସି ଲୋକକୁ ପ୍ରଦର୍ଶନ କରେ ନାହିଁ- ଏହି ଉକ୍ତିଟି କିଏ ଲେଖିଥିଲେ ?

A) ଗୋପୀନାଥ ମହାନ୍ତି B) ଅରୁନ୍ଧତୀ ରାୟ C) ୱିଲିଅମ ସେକ୍ସପିୟର D) ମାର୍କ ଟ୍ୱେନ

**17.** Which of the following is not a classical dance form of India?

A) Kathak B) Manipuri C) Odissi D) Dandia

ନିମ୍ନ ଲିଖିତ କେଉଁଟି ଭାରତର ଏକ ଶାସ୍ତ୍ରୀୟ ନୃତ୍ୟଶୈଳୀ ନୁହେଁ?

A) କଥକ B) ମଣିପୁରୀ C) ଓଡିଶୀ D) ଦାଣ୍ଡିଆ

**18.** Match the following pairs of Odia book and its author in right order?

| | | | |
|---|---|---|---|
| 1. | Sarala Das | i) | Bhagabat |
| 2. | Jagannath Das | ii) | Mahabharat |
| 3. | Kanhu Charan Mahanty | iii) | Lachhama |
| 4. | Fakir Mohan Senapati | iv) | Ha Anna |
| 5. | Gopinath Mohanty | v) | Amrutara Santana |

A) 1-i; 2-ii; 3-v; 4-iii & 5-iv C) 1-ii; 2-i; 3-iv; 4-iii & 5-v

B) 1-iv; 2-iii; 3-i; 4-ii & 5-v D) 1-iv; 2-iii; 3-i; 4-v & 5-ii

ନିମ୍ନୋକ୍ତ ଓଡିଆ ପୁସ୍ତକ ଏବଂ ଏହାର ରଚୟିତା ଯୋଡିକୁ ଠିକ୍ ଭାବେ ମେଳକର ।

| | | | |
|---|---|---|---|
| 1. | ସାରଳା ଦାସ | i) | ଭାଗବତ |
| 2. | ଜଗନ୍ନାଥ ଦାସ | ii) | ମହାଭାରତ |
| 3. | କାହ୍ନୁ ଚରଣ ମହାନ୍ତି | iii) | ଲଛମା |
| 4. | ଫକୀରମୋହନ ସେନାପତି | iv) | ହା ଅନ୍ନ |
| 5. | ଗୋପୀନାଥ ମହାନ୍ତି | v) | ଅମୃତର ସନ୍ତାନ |

A) 1-i; 2-ii; 3-v; 4-iii & 5-iv C) 1-ii; 2-i; 3-iv; 4-iii & 5-v

B) 1-iv; 2-iii; 3-i; 4-ii & 5-v D) 1-iv; 2-iii; 3-i; 4-v & 5-ii

**19.** "Richter Scale" used for measuring intensity of earthquake was developed by Charles F. Richter in-

A) 1935 B) 1938 C) 1942 D) 1945

ଭୂକମ୍ପର ତୀବ୍ରତା ମାପିବା ପାଇଁ ବ୍ୟବହୃତ ରିଚ୍ଚର ସ୍କେଲ ଚାର୍ଲ୍ସ ଏଫ ରିଚର କେବେ ବିକଶିତ କରିଥିଲେ ?

A) 1935 B) 1938 C) 1942 D) 1945

20. Which of the following is not a benefit of Latitude and Longitude?

A) We can identify the location and local time of a place accurately.

B) We can predict rain.

C) We can have some idea of hotness or coldness of a place.

D) We can know the distance in kilometre of a place from Equator.

ନିମ୍ନ ଲିଖିତ କେଉଁଟି ଅକ୍ଷାଂଶ ଏବଂ ଦ୍ରାଘିମାର ଏକ ଉପଯୋଗିତା ନୁହେଁ ?

A) କୌଣସି ସ୍ଥାନର ଅବସ୍ଥିତି ଏବଂ ସ୍ଥାନୀୟ ସମୟ ସଠିକ ଭାବେ ନିର୍ଣ୍ଣୟ କରିପାରିବା

B) ବର୍ଷାର ପ୍ରାକ ସୂଚନା ଦେଇପାରିବା

C) କୌଣସି ସ୍ଥାନର ଶୀତଳତା କିମ୍ବା ଉଷ୍ଣତାର କିଛି ଧାରଣା ପାଇପାରିବା

D) ବିଷୁବ ରେଖାଠାରୁ କୌଣସି ସ୍ଥାନର ଦୂରତା କିଲୋମିଟର ଆକାରରେ ଜାଣିପାରିବା

21. Which of the following events did not occur in the Indian history in 1930?

A) 12th March -Dandi March

B) 6th April -Civil Disobedient Movement

C) 1st Round Table Conference in London without Congress member

D) None of these

1930 ମସିହାରେ ନିମ୍ନୋକ୍ତ କେଉଁ ଭାରତୀୟ ଐତିହାସିକ ଘଟଣା ଘଟି ନ ଥିଲା ?

A) ମାର୍ଚ୍ଚ 12 ତାରିଖର ଦାଣ୍ଡି ମାର୍ଚ୍ଚ

B) ଅପ୍ରେଲ 6 ତାରିଖର ଆଇନ ଅମାନ୍ୟ ଆନ୍ଦୋଳନ

C) ଲଣ୍ଡନରେ କଂଗ୍ରେସ ସଦେସ୍ୟଙ୍କ ସହିତ ପ୍ରଥମ ଗୋଲ୍ ଟେବଲ ବୈଠକ

D) କୌଣସିଟି ନୁହେଁ

22. Dr. APJ Abdul Kalam, who was the Principal Scientific Advisor to GoI, was awarded Bharat Ratna in-

A) 1985 B) 1987 C) 1989 D) 1991

ଭାରତ ସରକାରଙ୍କ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା ଡକ୍ଟର ଏ.ପି.ଯେ. ଅବଦୁଲ କାଲାମଙ୍କୁ କେବେ ଭାରତ ରତ୍ନ ପ୍ରଦାନ କରା ଯାଇଥିଲା ?

A) 1985 B) 1987 C) 1989 D) 1991

23. Which of the following countries is not a permanent member of the UN Security Council?

A) China B) German C) France D) Russia

ନିମ୍ନଲିଖିତ କେଉଁ ଦେଶ ମିଳିତ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ନୁହେଁ ?

A) ଚୀନ B) ଜର୍ମାନୀ C) ଫ୍ରାନ୍ସ D) ରୁଷିଆ

24. What is the share of Odisha in exploration of Bauxite in the country?

A) 20% B) 30% C) 40% D) 50%

ଆମ ଦେଶରେ ବକ୍ସାଇଟ୍ ଉତ୍ତୋଳନରେ ଓଡିଶାର ଭାଗ କେତେ ?

A) 20% B) 30% C) 40% D) 50%

25. Which of the following districts in Odisha tops in production of ginger and turmeric-

A) Ganjam B) Kalahandi C) Kandhamal D) Mayurbhanj

ଅଦା ଏବଂ ହଳଦୀ ଉତ୍ପାଦନରେ ଓଡିଶାରେ କେଉଁ ଜିଲ୍ଲା ଶୀର୍ଷ ସ୍ଥାନରେ ଅଛି ?

A) ଗଞ୍ଜାମ B) କଳାହାଣ୍ଡି C) କନ୍ଧମାଳ D) ମୟୂରଭଞ୍ଜ

26. Which of the following is not a measure of prevention of Tuberculosis?

A) Patient should not cough here and there.

B) Patient should avoid hard work, smoking, drinking and worrying.

C) Patient's room should be properly closed.

D) Good and vitaminous food be given to patient.

ନିମ୍ନ ଲିଖିତ କେଉଁଟି ଯକ୍ଷ୍ମା ପ୍ରତିରୋଧର ବ୍ୟବସ୍ଥା ନୁହେଁ ?

A) ରୋଗୀ ଏଣେ ତେଣେ କାଶିବା ଅନୁଚିତ ।

B) ରୋଗୀ କଠିନ ପରିଶ୍ରମ, ଧୂମପାନ ଏବଂ ମାନସିକ ଦୁଃଚିନ୍ତା ପରିତ୍ୟାଗ କରିବା ଦରକାର ।

C) ରୋଗୀର କକ୍ଷ ଠିକ ଭାବେ ବନ୍ଦ ହେବା ଦରକାର।

D) ଉତ୍ତମ ଭିଟାମିନ ଯୁକ୍ତ ଖାଦ୍ୟ ଖାଇବା ଦରକାର।

27. The rivers Narmada and Tapti flow into the-

A) Bay of Bengal B) Arabian Sea C) Sea of Andaman D) None of these

ନର୍ମଦା ଏବଂ ତାପ୍ତି ନଦୀ କେଉଁ ଠାରେ ମିଶିଛନ୍ତି ?

A) ବୋଙ୍ଗୋପ ସାଗର B) ଆରବ ସାଗର C) ଆଣ୍ଡାମାନ ସ୍ଥିତ ସମୁଦ୍ର D) କୌଣସିଟି ନୁହେଁ

28. The first Indian satellite Aryabhata was launched into space on-

A) April 19, 1975 B) April 17, 1976 C) April 15, 1977 D) None of these

ଭାରତର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ ମହାକାଶକୁ କେବେ ପ୍ରେରଣ କରାଯାଇଥିଲା?

A) April 19, 1975 B) April 17, 1976 C) April 15, 1977 D) କୌଣସିଟି ନୁହେଁ

29. Which is the currency of Philippines?

(A) Peso (B) Ngultrum (C) Rufiyaa (D) Franc

ଫିଲିପାଇନ୍ସର ପ୍ରଚଳିତ ମୁଦ୍ରାର ନାମ କଣ?

A) ପେସୋ B) ନେଗୁଲ୍ଟ୍ରମ C) ରୁଫିୟା D) ଫ୍ରାଙ୍କ

30. Pradhan Mantri Jan Dhan Yojana has been launched in the year-

A) 2012 B) 2013 C) 2014 D) 2015

ପ୍ରଧାନ ମନ୍ତ୍ରୀ 'ଜନ ଧନ ଯୋଜନା' କେଉଁ ବର୍ଷ ଶୁଭାରମ୍ଭ କରାଯାଇଅଛି ?

A) 2012 B) 2013 C) 2014 D) 2015

31. The River Tel drains into the river Mahanadi at-

A) Manamunda B) Boudh C) Bandhmunda D) Binka

କେଉଁ ସ୍ଥାନରେ ତେଲ ନଦୀ ମହାନଦୀ ଠାରେ ମିଶି ଅଛି ?

A) ମନମୁଣ୍ଡା B) ବୌଦ୍ଧ C) ବନ୍ଧମୁଣ୍ଡା D) ବିନିକା

32. "Greenland", the largest Island in the world, is located in-

A) Arctic Ocean
B) Mediterranean Sea
C) Pacific ocean
D) North Atlantic Ocean

ପୃଥିବୀର ବୃହତମ ଦ୍ୱୀପ,"ଗ୍ରୀନଲାଣ୍ଡ", କେଉଁଠାରେ ଅବସ୍ଥିତ?

A) ଆର୍କଟିକ ମହାସାଗର
B) ଭୂମଧ୍ୟ ସାଗର
C) ପ୍ରଶାନ୍ତ ମହାସାଗର
D) ଦକ୍ଷିଣ ଆଟଲାଣ୍ଟିକ ମହାସାଗର

33. The year 1962 is not associated with which of the following Indian historical events?

A) Dr. S. Radhakrishnan elected President
B) State of Nagaland created
C) China invades India
D) None of these

1962 ମସିହା ନିମ୍ନୋକ୍ତ କେଉଁ ଭାରତୀୟ ଐତିହାସିକ ଘଟଣାବଳୀ ସହିତ ସମ୍ପୃକ୍ତ ନୁହେଁ ?

A) ଡ. ଏସ. ରାଧାକୃଷ୍ଣନ, ରାଷ୍ଟ୍ରପତି ନିର୍ବାଚିତ
B) ନାଗାଲାଣ୍ଡ ରାଜ୍ୟ ଗଠନ
C) ଚୀନର ଭାରତ ଆକ୍ରମଣ
D) କୌଣସିଟି ନୁହେଁ

34. Kalidas, better known as the Indian Shakespeare, for his Meghadut, Kumarsambhab, Raghuvansha and Abhigyan Shakuntalam lived in?

A) 2nd Century AD
B) 3rd Century AD
C) 4th Century AD
D) None of these

ନିଜ ରଚିତ ମେଘଦୂତ, କୁମାର ସମ୍ଭବ, ରଘୁବଂଶ ଏବଂ ଅଭିଜ୍ଞାନ ଶକୁନ୍ତଳମ୍ ପାଇଁ ଭାରତୀୟ ସେକ୍ସପିୟର୍ ଭାବେ ଖ୍ୟାତି ଅର୍ଜନ କରିଥିବା କାଳିଦାସ କେଉଁ ଶତାବ୍ଦୀରେ ବସବାସ କରୁଥିଲେ?

A) ଦ୍ୱିତୀୟ ଶତାବ୍ଦୀ
B) ତୃତୀୟ ଶତାବ୍ଦୀ
C) ଚତୁର୍ଥ ଶତାବ୍ଦୀ
D) କୌଣସିଟି ନୁହେଁ

35. Which of the following fundamental rights ensures abolition of untouchability?

A) Right to equality
B) Right to particular freedom
C) Right against exploitation
D) Right to acquire to property

ନିମ୍ନଲିଖିତ କେଉଁ ମୌଳିକ ଅଧିକାର ଅସ୍ପୃଶ୍ୟତା ଉଚ୍ଛେଦ ସୁନିଶ୍ଚିତ କରେ ?

A) ସମାନତା ଅଧିକାର
B) ନିର୍ଦ୍ଦିଷ୍ଟ ସ୍ୱାଧୀନତା ଅଧିକାର
C) ଶୋଷଣ ବିରୋଧୀ ଅଧିକାର
D) ସମ୍ପତ୍ତି ଅର୍ଜନ ଅଧିକାର

36. The river Mahanadi originates from the mountain-

A) Vindhya
B) Malkau
C) Satapura
D) Mahadev

କେଉଁ ପର୍ବତ ମାଳାରୁ ମହାନଦୀ ଉତ୍ପନ୍ନ ହୋଇଅଛି ?

A) ବିନ୍ଧ୍ୟ
B) ମାଲକାଉ
C) ସାତପୁରା
D) ମହାଦେବ

37. "Altimeter" is used in theaircraft for measuring?

A) Speed of aircraft
B) visibility
C) speed of air
D) altitude

ଉଡାଜାହାଜରେ କ'ଣ ମାପିବା ପାଇଁ 'ଅଲଟିମିଟର' ବ୍ୟବହାର କରାଯାଏ ?

A) ଉଡାଜାହାଜର ଗତି
B) ଦୃଶ୍ୟମାନତା
C) ପବନର ବେଗ
D) ଉଚ୍ଚତା

38. Which of the following countries are respectively the largest producers of Gold, Silver and Manganese?

A) Australia, China & Brazil
B) South Africa, Mexico & China
C) USA, Chile, Mexico
D) China, Peru & South Africa

ନିମ୍ନ ଲିଖିତ କେଉଁ ଦେଶ ଗୁଡିକ ଯଥାକ୍ରମେ ସୁନା, ରୁପା ଏବଂ ମାଙ୍ଗାନିଜର ସର୍ବାଧିକ ଉତ୍ପାଦନକାରୀ ଅଟନ୍ତି?

A) ଅଷ୍ଟ୍ରେଲିଆ, ଚୀନ ଏବଂ ବ୍ରାଜିଲ
B) ଦକ୍ଷିଣ ଆଫ୍ରିକା, ମେକ୍ସିକୋ ଏବଂ ଚୀନ
C) ଆମେରିକା, ଚିଲି, ଏବଂ ମେକ୍ସିକୋ
D) ଚୀନ, ପେରୁ ଏବଂ ଦକ୍ଷିଣ ଆଫ୍ରିକା

39. The War of American Independence was initiated against the colonial rule of British government in 13 British colonies in North America on 4th July, 1776 and concluded with the Treaty of Versailles in-

A) 1783 B) 1785 C) 1788 D) 1792

ବ୍ରିଟିଶ ସରକାରଙ୍କ ଔପନୀବେଶିକ ଶାସନ ବିରୁଦ୍ଧରେ ଦକ୍ଷିଣ ଆମେରିକାର 13ଟି ବ୍ରିଟିଶ କଲୋନୀରେ 1776 ମସିହା ଜୁଲାଇ 4 ତାରିଖ ଦିନ ଆମେରିକାର ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା । ତାହା ଭରସେଲିସ ଚୁକ୍ତିନାମା ସ୍ୱାକ୍ଷର ସହିତ କେବେ ଶେଷ ହୋଇଥିଲା ?

A) 1783 B) 1785 C) 1788 D) 1792

40. The Simla Agreement between the Prime Ministers of India and Pakistan was signed on-

A) 2nd July, 1972
B) 4th June, 1974
C) 6th May, 1976
D) None of these

ଭାରତ ଏବଂ ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ସିମଳା ରାଜିନାମା କେବେ ସ୍ୱାକ୍ଷରିତ ହୋଇଥିଲା ?

A) 2nd July, 1972
B) 4th June, 1974
C) 6th May, 1976
D) କୌଣସିଟି ନୁହେଁ

41. Tipu Sultan, the ruler of Mysore, drew the idea of nationalism when he was a member ofthe?

A) Congress Party
B) Jacobein Club in France
C) Home Rule League
D) None of these

କେଉଁ ଅନୁଷ୍ଠାନର ସଦସ୍ୟ ଥିବା ବେଳେ ମହିଶୂରର ଶାସକ ଟିପୁ ସୁଲତାନ୍ ଜାତୀୟତାବାଦର ଚିନ୍ତାଧାରା ଆହରଣ କରିଥିଲେ?

A) କଂଗ୍ରେସ ଦଳ
B) ଫ୍ରାନ୍ସର ଜାକୋବିଆନ୍ କ୍ଲବ
C) ସ୍ୱରାଜ ଲିଗ
D) କୌଣସିଟି ନୁହେଁ

42. The first Odia writer, Dr. Gopinath Mohanty, got Gyanapith award in 1973 for his-

A) Matimatala B) Paraja C) Harijana D) Danapani

ପ୍ରଥମ ଓଡିଆ ଲେଖକ ଡ. ଗୋପୀନାଥ ମହାନ୍ତି 1973 ମସିହାରେ ତାଙ୍କର କେଉଁ ଲେଖା ପାଇଁ 'ଜ୍ଞାନପୀଠ' ପୁରସ୍କାର ପାଇଥିଲେ ?

A) ମାଟିମଟାଳ B) ପରଜା C) ହରିଜନ D) ଦାନାପାଣି

43. Find out which of the following statements of Invention/Discovery, Scientist & Year is incorrect?

| Sl. No. | Invention/Discovery | Scientist | Year |
|---|---|---|---|
| 1. | Aeroplane | Wilber & Orville Wright, USA | 1903 |
| 2. | Automobile | Carl Benz, Germany | 1888 |
| 3. | Diesel Engine | Rudolf Diesel, Germany | 1897 |
| 4. | Dynamite | Henry Dunant, Sweden | 1862 |
| 5. | Railway Engine | Stephenson | 1814 |

A) Sl.No.1 B) Sl.No.2 C) Sl.No.4 D) None of these

ଉଦ୍ଭାବନ, ଆବିଷ୍କାର, ସମ୍ପୃକ୍ତ ବୈଜ୍ଞାନିକ ଏବଂ ବର୍ଷ ସମ୍ବନ୍ଧୀୟ ନିମ୍ନଲିଖିତ କେଉଁ ବାକ୍ୟଟି ଭୁଲ ବାଛ –

| କ୍ରମିକ ସଂଖ୍ୟା | ଉଦ୍ଭାବନ/ଆବିଷ୍କାର | ସମ୍ପୃକ୍ତ ବୈଜ୍ଞାନିକ | ବର୍ଷ |
|---|---|---|---|
| 1 . | ଉଡାଜାହାଜ | ଉଇଲବର ଏବଂ ଅରଭିଲ ରାଇଟ, ଆମେରିକା | 1903 |
| 2 . | ମୋଟର ଇଞ୍ଜିନ | କାର୍ଲ ବେଞ୍ଜ, ଜର୍ମାନୀ | 1888 |
| 3. | ଡିଜେଲ ଇଞ୍ଜିନ | ରୁଡଲ୍ଫ ଡିଜେଲ, ଜର୍ମାନୀ | 1897 |
| 4 . | ଡିନାମାଇଟ | ହେନେରୀ ଡୁନାଣ୍ଟ, ସ୍ୱୀଡେନ | 1862 |
| 5 . | ରେଳ ଇଞ୍ଜିନ | ଷ୍ଟିଫେନସନ | 1814 |

A) Sl.No.1 B) Sl.No.2 C) Sl.No.4 D) କୌଣସିଟି ନୁହେଁ

44. The gland in the eyes which secretes tears is called –

A) Lachryma B) Lymph C) Ophthalmic D) Thyroid

ଆଖିରେ ଲୁହ ସୃଷ୍ଟି କରୁଥିବା ଗ୍ରନ୍ଥିର ନାମ କଣ ?

A) ଲେକ୍ରିମା B) ଲିମ୍ଫ C) ଅପଥାଲମିକ D) ଥାଇରଡ

45. Jaduguda in Jharkhand is known for-

A) Bauxite mines B) Dolomite mines C) Uranium mines D) Mica

ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ ଯଦୁଗୁଡା କ'ଣ ପାଇଁ ପ୍ରସିଦ୍ଧ ?

A) ବକ୍ସାଇଟ ଖଣି B) ଡୋଲୋମାଇଟ ଖଣି C) ଇଉରାନିୟମ ଖଣି D) ମାଇକା ଖଣି

46. The words "Satyameva Jayate" inscribed below the abacus of the national emblem in Devanagari script was borrowed from-

A) Kathopanishad C) Rig Veda
B) Mundaka Upanishad D) Bhagbat Gita

ଜାତୀୟ ପ୍ରତୀକର ଆବାକସ ତଳେ ଦେବନାଗରି ବର୍ଣ୍ଣମାଳାରେ ଲିଖିତ "ସତ୍ୟମେବ ଜୟତେ" କେଉଁଠାରୁ ଉଦ୍ଧୃତ ହୋଇଛି ?

A) କଠୋପନିଷଦ C) ଋକବେଦ
B) ମୁଣ୍ଡକ ଉପନିଷଦ D) ଭଗବତ ଗୀତା

47. "Suva" is the capital of which of the following countries?

A) South Africa B) Fiji C) Canada D) West Indies

ନିମ୍ନଲିଖିତ କେଉଁ ଦେଶର ରାଜଧାନୀର ନାମ ଶୁଭା?

A) ଦକ୍ଷିଣ ଆଫ୍ରିକା B) ଫିଜୀ C) କାନାଡା D) ୱେଷ୍ଟ ଇଣ୍ଡିଜ୍

48. Where was the Paik Rebellion started in 1857?

A) Banpur B) Kujanga C) Ranapur D) Khordha

1857 ମସିହାରେ ପାଇକ ବିଦ୍ରୋହ କେଉଁଠାରେ ସଂଗଠିତ ହୋଇଥିଲା ?

A) ବାଣପୁର B) କୁଜଙ୍ଗ C) ରଣପୁର D) ଖୋର୍ଦ୍ଧା

49. Our hair turns grey due to reduction in the cells of hair roots a pigment called-

A) Melanin B) Creatinine C) Serein D) None of these

କେଶ ମୂଳର ଜୀବକୋଷରେ ଥିବା ଯେଉଁ ପିଗମେଣ୍ଟ ଅଭାବରୁ ଆମ କେଶ ପାଚିଯାଏ ତା'ର ନାମ କଣ ?

A) ମେଲାନିନ B) କ୍ରୀଏଟିନାଇନ C) ସେରେଇନ D) କୌଣସିଟି ନୁହେଁ

50. Which of the following pairs of disease and the affected part of human body is incorrect?

| Sl.No. | Disease | Part of human body |
|---|---|---|
| i. | Jaundice | a. liver |
| ii. | Meningitis | b. spinal cord and brain |
| iii. | Ottis | c. lungs |
| iv. | Pleurisy | d. ear |

A) Only i is incorrect

B) Only ii is incorrect

C) Only ii & iii are incorrect

D) Only iii &iv are incorrect

ନିମ୍ନ ଲିଖିତ ରୋଗ ଏବଂ ତା ଦ୍ୱାରା ପ୍ରଭାବିତ ଶରୀରର ଅଙ୍ଗ ଯୋଡି ମଧ୍ୟରୁ କେଉଁଠି ଭୁଲ?

| କ୍ର.ନ. | ରୋଗର ନାମ | ପ୍ରଭାବିତ ଶରୀରର ଅଙ୍ଗ |
|---|---|---|
| i. | ଜଣ୍ଡିସ | ଯକୃତ୍ |
| ii. | ମେନିନ ଯାଇଟିସ | ମେରୁଦଣ୍ଡ ଓ ମସ୍ତିଷ୍କ |
| iii. | ଓଟିସ୍ | ଫୁସ୍ ଫୁସ୍ |
| iv. | ପ୍ଲେଉରିଶି | କାନ |

A) କେବଳ i ଭୁଲ

B) କେବଳ ii ଭୁଲ

C) କେବଳ ii ଏବଂ iii ଭୁଲ

D) କେବଳ iii ଏବଂ iv ଭୁଲ

51. The earth rotates round its axis at a speed of-

A) 26 kms/minute B) 27 kms/minute C) 28 kms/ minute D) None of these

ପୃଥିବୀ ନିଜ ଅକ୍ଷର ଚାରି ପଟେ କେତେ ବେଗରେ ଘୁରୁଅଛି ?

A) 26 kms/minute B) 27 kms/minute C) 28 kms/ minute D) କୌଣସିଟି ନୁହେଁ

52. Who were the first Governor Generals of Independent India and Pakistan?

A) Mount Batten & Md. Alli Jinnah

B) Chakravarty Rajagopalachari & Zulfiquar Alli Bhutto

C) Jawaharlal Nehru & Khan Abdul Gaffr Khan

D) None of these

ନିମ୍ନୋକ୍ତ କେଉଁମାନେ ଯଥାକ୍ରମେ ସ୍ୱାଧୀନ ଭାରତ ଓ ପାକିସ୍ତାନର ପ୍ରଥମ ଗଭର୍ଣ୍ଣର ଜେନେରାଲ ଥିଲେ ?

A) ମାଉଣ୍ଟ ବାଟେନ ଏବଂ ମହମଦ ଅଲ୍ଲୀ ଜିନା

B) ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ଏବଂ ଜୁଲଫିକୁଆର ଅଲ୍ଲୀ ଭୋଟୋ

C) ଜବାହାର ଲାଲ ନେହେରୁ ଏବଂ ଖାନ ଅବଦୁଲ ଗଫର ଖାନ୍

D) କୌଣସିଟି ନୁହେଁ

53. Who wrote, "Whatever you do will be insignificant, but it is very important that you do it"?
A) Sardar Ballavbhai Patel B) Bhagat Singh C) Mahatma Gandhi D) Indira Gandhi
ତୁମେ ଯାହା କର ତାହା ନଗଣ୍ୟ କିନ୍ତୁ ଏହା ଅତି ଗୁରୁତ୍ୱ ପୂର୍ଣ୍ଣ ଯେ ତୁମେ ତାହା କର – ଏ ଉକ୍ତିଟିର ଲେଖକ କିଏ ?
A) ସରଦାର ବଲ୍ଲଭ ଭାଇ ପଟେଲ B) ଭଗତ ସିଂହ C) ମହାତ୍ମା ଗାନ୍ଧୀ D) ଇନ୍ଦିରା ଗାନ୍ଧୀ

54. Which of the following is not a fundamental right according to constitution of India?
A) Right against exploitation
B) Right to freedom of religion
C) Right to convert people to other religion
D) Right to constitutional remedy
ଭାରତୀୟ ସମ୍ବିଧାନ ଅନୁସାରେ ନିମ୍ନ ଲିଖିତ କେଉଁଟି ଗୋଟିଏ ମୌଳିକ ଅଧିକାର ନୁହେଁ ?
A) ଶୋଷଣ ବିରୋଧି ଅଧିକାର
B) ଧର୍ମର ସ୍ୱାଧୀନତା ଅଧିକାର
C) ଲୋକଙ୍କୁ ଧର୍ମାନ୍ତର କରିବା ଅଧିକାର
D) ସାମ୍ବିଧାନିକ ପ୍ରତିକାର ଅଧିକାର

55. Which of the following statements about Jagannath Temple in Puri is incorrect?
A) It was built by King Prataprudradev.
B) It was built in 1115AD.
C) Its height is 214.8 feet.
D) It is also called White Pagoda.
ପୁରୀରେ ଥିବା ଜଗନ୍ନାଥ ମନ୍ଦିର ବିଷୟରେ ପ୍ରଦତ୍ତ ନିମ୍ନ ଲିଖିତ କେଉଁ ବାକ୍ୟଟି ଭୁଲ ?
A) ଏହା ରାଜା ପ୍ରତାପ ରୁଦ୍ର ଦେବଙ୍କ ନିର୍ମିତ ହୋଇଥିଲା ।
B) ଏହା ୧୧୧୫ AD ରେ ନିର୍ମିତ ହୋଇଥିଲା।
C) ଏହାର ଉଚ୍ଚତା 214.8 ଫୁଟ ଅଟେ ।
D) ଏହାକୁ ଶ୍ୱେତ ପାଗୋଡା ମଧ୍ୟ କୁହା ଯାଏ ।

56. Which one of the following statements is incorrect?
A) Group 'AB' is called universal receiver and Group 'O' is a universal donor.
B) Group 'A' can receive only 'A' & 'O'.
C) Group 'B' can receive only 'B' & 'O' and Group 'O' can receive only 'O'.
D) None of these
ନିମ୍ନୋକ୍ତ କେଉଁ ବକ୍ତବ୍ୟଟି ଭୁଲ ଅଟେ ?
A) A,B ରକ୍ତ ଗ୍ରୁପ ସାର୍ବଜନୀନ ଗ୍ରହିତା ଏବଂ ଗ୍ରୁପ O ସାର୍ବଜନୀନ ଦାତା
B) A ରକ୍ତ ଗ୍ରୁପ କେବଳ A ଏବଂ O ଗ୍ରହଣ କରିପାରିବ
C) B ଗ୍ରୁପ କେବଳ B ଏବଂ O ଗ୍ରହଣ କରିପାରିବ ଏବଂ O ଗ୍ରୁପ କେବଳ O ଗ୍ରହଣ କରିପାରିବ
D) କୌଣସିଟି ନୁହେଁ

57. "Ozone Layer" which cuts out harmful ultraviolet rays of the Sun and benefits animals and plants is found at a height of-
A) 15 to 35 kms above the surface of earth.
B) 20 to 40 kms above the surface of earth.
C) 25 to 45 kms above the surface of earth.
D) None of these
ସୂର୍ଯ୍ୟର କ୍ଷତିକାରକ ଅଲ୍ଟ୍ରାଭାଇଓଲେଟ ରଶ୍ମୀକୁ ପ୍ରତିରୋଧ କରିପାରୁଥିବା ଏବଂ ପ୍ରାଣୀ ଓ ଉଦ୍ଭିଦ ମାନଙ୍କ ଉପକାରୀ ଓଜୋନ୍ ସ୍ତର କେତେ ଉଚ୍ଚତାରେ ଅଛି?
A) ପୃଥିବୀ ପୃଷ୍ଠରୁ 15 ରୁ 35 କିମି ଉଚ୍ଚତାରେ
B) ପୃଥିବୀ ପୃଷ୍ଠରୁ 20 ରୁ 40 କିମି ଉଚ୍ଚତାରେ
C) ପୃଥିବୀ ପୃଷ୍ଠରୁ 25 ରୁ 45 କିମି ଉଚ୍ଚତାରେ
D) କୌଣସସିଟି ନୁହେଁ

**58.** Given below is a column of towns/cities and another column containing the industries they are associated with. Find out the correct answer out of the four options given below showing the correct matching between them.

| Sl.No. | Towns/cities | Sl.No. | Industries |
|---|---|---|---|
| 1. | Visakapatnam | a. | diesel locomotive |
| 2. | Varanasi | b. | ship-building |
| 3. | Kolar | c. | gold field |
| 4. | Sindri | d. | cutlery |
| 5. | Aligarh | e. | fertilizer |

A) 1-a; 2-b; 3-c; 4-d & 5-e
B) 1-c; 2-d; 3-b; 4-a & 5-e
C) 1-d; 2-c; 3-a; 4-b & 5-e
D) 1-b; 2-a; 3-c; 4-e & 5-d

ନିମ୍ନରେ ଗୋଟିଏ ସ୍ତମ୍ଭରେ ସହର/ନଗର ଓ ଅନ୍ୟଟିରେ ସେଠାରେ ଗଢି ଉଠିଥିବା ଶିଳ୍ପ ନାମ ଦିଆଯାଇଅଛି । ତା'ତଳେ ଦିଆଯାଇଥିବା ଚାରୋଟି ଉତ୍ତର ମଧ୍ୟରୁ ସଠିକ ଉତ୍ତରଟି ଚୟନ କର ଯଦ୍ୱାରା ଉଭୟ ସ୍ତମ୍ଭରେ ଥିବା ତଥ୍ୟ ଗୁଡିକର ସଠିକ ମେଳ ସୂଚାଉ ଥିବ ।

| କ୍ରମିକ ସଂଖ୍ୟା | ସହର/ନଗର | କ୍ରମିକ ସଂଖ୍ୟା | ଶିଳ୍ପ |
|---|---|---|---|
| 1 | ବିଶାଖାପାଟଣା | a. | ଡିଜେଲ ରେଳ ଇଞ୍ଜିନ |
| 2 | ବାରାଣସି | b. | ଜାହାଜ ତିଆରି |
| 3 | କୋଲାର | c. | ସୁନା ଖଣି |
| 4 | ସିନ୍ଦ୍ରି | d. | ଖାଇବା ଓ ଖାଦ୍ୟ ସରଞ୍ଜାମ |
| 5 | ଆଲିଗଡ | e. | ସାର ଉତ୍ପାଦନ |

A) 1-a; 2-b; 3-c; 4-d & 5-e
B) 1-c; 2-d; 3-b; 4-a & 5-e
C) 1-d; 2-c; 3-a; 4-b & 5-e
D) 1-b; 2-a; 3-c; 4-e & 5-d

**59.** Who wrote, "After climbing a great hill, one only finds that there are many more hills to climb"?

A) Edmund Hillary B) Nelson Mandela C) Sherpa Tenzing D) Mahatma Gandhi

ଗୋଟିଏ ବଡ ପର୍ବତ ଆରୋହଣ କଲାପରେ ଜଣେ ଦେଖିବ ଯେ ଆରୋହଣ କରିବା ପାଇଁ ଆହୁରି ଅନେକ ପର୍ବତ ରହିଛି - ଏ ଉକ୍ତିଟିର ଲେଖକ କିଏ?

A) ଏଡମଣ୍ଡ ହିଲାରୀ B) ନେଲସନ ମାଣ୍ଡେଲା C) ସେରପା ତେଞ୍ଜିଙ୍ଗ D) ମହାତ୍ମା ଗାନ୍ଧୀ

**60.** When is the International Women's Day observed?

(A) March 8 (B) February 14 (C) May 10 (D) October 2

କେଉଁଦିନ ଅନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଏ ?

(A) March 8 (B) February 14 (C) May 10 (D) October 2

**61.** When did Odisha first play Ranjee Trophy?

A) 1949 B) 1959 C) 1965 D) 1972

ଓଡିଶା ପ୍ରଥମେ ରଣଜୀ ଟ୍ରଫି କେବେ ଖେଳିଥିଲା ?

A) 1949 B) 1959 C) 1965 D) 1972

62. Kalpna Chawla, the Indian born American Astronaut and Engineer went into space in Columbia in-

A) October, 1996 B) November 1997 C) December, 1998 D) January, 1999

ଭାରତରେ ଜନ୍ମିତ ଆମେରିକୀୟ ମହାକାଶ ଯାତ୍ରୀ ଏବଂ ଯନ୍ତ୍ରୀ କଳ୍ପନା ଚାଉଲା କଲମ୍ବିଆ ଯାନରେ କେବେ ମହାକାଶକୁ ଯାତ୍ରା କରିଥିଲେ?

A) October, 1996 B) November 1997 C) December, 1998 D) January, 1999

63. "Neuritis" i.e., degeneration of nerves, weakness of muscles and swelling of limbs are symptoms of -

A) Scurvy B) Rickets C) Beri - Beri D) None of these

ନିଉରିଟିସ – ସ୍ନାୟୁ ଅପକ୍ଷୟ, ମାଂସପେଶୀର ଦୁର୍ବଳତା ଏବଂ ଅଙ୍ଗପ୍ରତ୍ୟଙ୍ଗ ଫୁଲିଯିବା – ଏଗୁଡିକ କେଉଁ ରୋଗର ଲକ୍ଷଣ?

A) ସ୍କର୍ଭି B) ରିକେଟ୍ସ C) ବେରିବେରି D) କୌଣସିଟି ନୁହେଁ

64. "Jog Falls", the highest Water Fall of Asia, are located in-

A) Gujarat B) Karnataka C) Afganistan D) China

ଏସିଆର ସର୍ବୋଚ୍ଚ ଜଳ ପ୍ରପାତ 'ଜଗଫଲ୍ସ' କେଉଁ ରାଜ୍ୟରେ ଅବସ୍ଥିତ?

A) ଗୁଜୁରାଟ B) କର୍ଣ୍ଣାଟକ C) ଆଫଗାନିସ୍ତାନ D) ଚାଇନା

65. Charak was supposed to be the royal court physician of-

A) Ashoka B) Harshavardhan C) Chandragupta Maurya D) Kanishka

କାହାର ରାଜ ଦରବାରରେ ଚରକ ରାଜବୈଦ୍ୟ ଥିବାର ଅନୁମାନ କରାଯାଏ?

A) ଅଶୋକ B) ହର୍ଷବର୍ଦ୍ଧନ C) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ D) କନିଷ୍କ

66. Who of the following is both a Kathak and Kuchipudi dancer?

A) Sambhu Maharaj C) Swapna Sundari

B) Damayanti Joshi D) Shanta Rai

ନିମ୍ନଲିଖିତ କେଉଁ ବ୍ୟକ୍ତି ଉଭୟ କଥକ ଏବଂ କୁଚିପୁଡ଼ିର ଜଣେ ନୃତ୍ୟ ଶିଳ୍ପୀ ଅଟନ୍ତି ?

A) ଶମ୍ଭୁ ମହାରାଜ C) ସ୍ୱପ୍ନା ସୁନ୍ଦରୀ

B) ଦମୟନ୍ତୀ ଜୋଶୀ D) ସାନ୍ତା ରାୟ

67. Which of the following is not a symptom of Cholera?

A) Loose motion almost like water C) Vomiting

B) Intense thirst D) Yellowing of body and eyes

ନିମ୍ନ ଲିଖିତ କେଉଁଟି ହଇଜାର ଲକ୍ଷଣ ନୁହେଁ?

A) ପ୍ରାୟ ପାଣି ଭଳିଆ ପତଳା ଝାଡା ହେବା C) ବାନ୍ତି ହେବା

B) ପ୍ରବଳ ଶୋଷ ହେବା D) ଶରୀର ଓ ଆଖି ହଳଦିଆ ପଡିଯିବା

68. Given below are names of Places in one column and the activities they are known for in the other. Find out the pair which does not match.

| Sl.No. | Places | Activities known for |
|---|---|---|
| 1. | Kandla | Port that connects Mumbai with Karachi |
| 2. | Kapurthala | Rail coach factory |
| 3. | Karwar | Noted for Naval base Seabird |
| 4. | Khetri | Copper mines |

A) Sl.No.1 B) Sl.No.2 C) Sl.No.3 D) None

ନିମ୍ନରେ ଗୋଟିଏ ସ୍ତମ୍ଭରେ ସ୍ଥାନର ନାମ ଏବଂ ଅନ୍ୟ ସ୍ତମ୍ଭରେ ତାହା ପ୍ରସିଦ୍ଧ ଲାଭ କରିଥିବା କାର୍ଯ୍ୟ କ୍ଷେତ୍ରର ନାମ ଦିଆଯାଇ ଅଛି । ତନ୍ମଧ୍ୟରୁ କେଉଁଟି ଅମେଳ ହେଉ ଅଛି ଚୟନ କର ।

| କ୍ରମିକ ସଂଖ୍ୟା | ସ୍ଥାନ | ସମ୍ପର୍କିତ କାର୍ଯ୍ୟକ୍ଷେତ୍ର |
|---|---|---|
| 1 | କାଣ୍ଡଲା | ମୁମ୍ବାଇ ସହିତ କରାଚିକୁ ଯୋଗାଯୋଗ ବନ୍ଦର |
| 2 | କପୁରଥାଲା | ରେଳ ଡବା ତିଆରି କାରଖାନା |
| 3 | କରୁଆର | ସି ବାର୍ଡ ନୌବାହିନୀ ପ୍ରତିଷ୍ଠାନ |
| 4 | କ୍ଷେତ୍ରୀ | ତମ୍ବା ଖଣି |

A) Sl.No.1 B) Sl.No.2 C) Sl.No.3 D) None

69. Find out which of the following pairs of books and authors is incorrect.

| Sl. No. | Book | Author |
|---|---|---|
| 1. | Chitrangada | Rabindranath Tagore |
| 2. | Confidential Clerk | T.S Eliot |
| 3. | Conquest of Self | Mahatma Gandhi |
| 4. | Coolie | E.Raja Rao |
| 5. | The Roman Empire | Eward Gibbon |

A) Sl.No.5 B) Sl.No.4 C) Sl.No.2 D) Sl.No.1

ନିମ୍ନ ଲିଖିତ ପୁସ୍ତକ ଏବଂ ତାର ଲେଖକ ଯୋଡି ମଧ୍ୟରୁ କେଉଁଟି ଭୁଲ ଚୟନ କର ।

| କ୍ରମିକ ସଂଖ୍ୟା | ବହି | ଲେଖକ |
|---|---|---|
| 1 | ଚିତ୍ରାଙ୍ଗଦା | ରବୀନ୍ଦ୍ରନାଥ ଠାକୁର |
| 2 | ବିଶ୍ୱସ୍ତ କିରାଣୀ | ଟି.ଏସ. ଏଲିଅଟ |
| 3 | ଆତ୍ମ ବିଜୟ | ମହାତ୍ମା ଗାନ୍ଧୀ |
| 4 | କୁଲି | ଇ.ରାଜା ରାଓ |
| 5 | ରୋମ ସାମ୍ରାଜ୍ୟ | ଏଡୱାଡ ଗିବନ |

A) Sl.No.5 B) Sl.No.4 C) Sl.No.2 D) Sl.No.1

**70.** Who is the first woman to climb Mount Everest twice in May, 1992 and May, 1993?

A) Bachendri Pal B) Santosh Yadav C) Junko Tabei D) Kalpana Das

ମେ 1992 ଏବଂ ମେ 1993 ରେ ଏଭରେଷ୍ଟ ଶୃଙ୍ଗ ଦୁଇ ଥର ଆରୋହଣ କରିଥିବା ପ୍ରଥମ ମହିଳା କିଏ?

A) ବଚେନ୍ଦ୍ରି ପାଲ B) ସନ୍ତୋଷ ଯାଦବ C) ଯୁଙ୍କୋ ତାବେଇ D) କଳ୍ପନା ଦାସ

**71.** Match the following Indian Gold Medal Winners of 2014 Commonwealth Games held at Glasgow with the sports for which the medal was awarded.

| Sl.No. | Player | Sl.No. | Sports |
|---|---|---|---|
| a. | Joshna Chinappa | 1. | Weightlifting |
| b. | Vinesh Poghat | 2. | Squash |
| c. | Vikas Gowda | 3. | Discuss Throw |
| d. | Satish Sivalingam | 4. | Wrestling |

A) a-3, b-2, c-4 & d-1 C) a-2, b-4, c-3 & d-1

B) a-2, b-3, c-1 & d-4 D) a-4, b-2, c-1 & d-3

ନିମ୍ନରେ ପ୍ରଦତ୍ତ 2014 ମସିହା ରାଜ୍ୟ ଗୋଷ୍ଠୀ କ୍ରୀଡା ପ୍ରତିଯୋଗିତାର ଭାରତୀୟ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ସେମାନେ କେଉଁ ଖେଳ ପାଇଁ ସେହି ପଦକ ପ୍ରାପ୍ତ ହୋଇଥିଲେ, ତା'ର ସଠିକ୍ ମେଳ କର ।

| କ୍ର.ନ. | ଖେଳାଳୀ | କ୍ର.ନ. | ଖେଳ |
|---|---|---|---|
| a. | ଯୋଶୁଆ ଚିନପ୍ପା | 1. | ଭାରଉତ୍ତୋଳନ |
| b. | ଭିନେଶ ପୋଘାଟ | 2. | ସ୍କ୍ୱାସ୍ |
| c. | ବିକାଶ ଗୌଡ | 3. | ଡ଼ିସ୍ କଷ୍ଟ୍ରୋ |
| d. | ସତୀଶ ଶିବଲିଙ୍ଗମ୍ | 4. | କୁସ୍ତି |

A) a-3, b-2, c-4 & d-1 C) a-2, b-4, c-3 & d-1

B) a-2, b-3, c-1 & d-4 D) a-4, b-2, c-1 & d-3

**72.** Who is presently the President of the Republic of the Union of Myanmar?

A) Aung San Su Kyi B) Sein Lwin C) Thein Sein D) None of these

ମ୍ୟାମାର ସାଧାରଣତନ୍ତ୍ରର ବର୍ତ୍ତମାନ ରାଷ୍ଟ୍ରପତି କିଏ ?

A) ଅଙ୍ଗ୍ ସାନ ସୁ କି C) ଥେଇନ୍ ସେଇନ

B) ସେଇନ୍ ଲୁଇନ୍ D) ଏମାନଙ୍କ ମଧ୍ୟରୁ କେହି ନୁହନ୍ତ

**73.** The Deomali Hill in Koraput is also known as-

A) Dumuka B) Dushan C) Dandikia D) Dudhari

କୋରାପୁଟସ୍ଥିତ ଦେଓମାଳୀ ପର୍ବତମାଳାର ଅନ୍ୟ ନାମ କ' ଣ ?

A) ଡୁମୁକା B) ଦୁସନ C) ଦାଣ୍ଡିକିଆ D) ଦୁଧାରୀ

**74.** The normal range of blood pressure in human body is-

A) 90/130 B) 80/120 C) 78/110 D) None of these

ମଣିଷ ଶରୀରରେ ସାଧାରଣ ରକ୍ତଚାପର ହାର କେତେ?

A) 90/130 B) 80/120 C) 78/110 D) କୌଣସିଟି ନୁହେଁ

**75.** Pick out the correct one of the following pairs of important year and the event that occurred in it-

| Sl.No. | Year | Event |
|---|---|---|
| 1. | 1857 | May-10 – Sepoy Mutiny |
| 2. | 1863 | Indian Council Act. |
| 3. | 1872 | 1st Census held in India |
| 4. | 1876 | Brahmo Samaj founded by Swami Dayananda Saraswati |

A) Sl.No. 1 B) Sl.No. 2 C) Sl.No. 3 D) None of these

ନିମ୍ନରେ ଦିଆଯାଇଥିବା ଗୁରୁତ୍ୱ ପୂର୍ଣ୍ଣ ବର୍ଷ ଏବଂ ସେଇ ବର୍ଷର ସଂଗଠିତ ଘଟଣାବଳୀର ଯୋଡିମାନଙ୍କ ମଧ୍ୟରୁ କେଉଁଟି ଠିକ୍ ଚୟନ କର ।

| କ୍ରମିକ ସଂଖ୍ୟା | ବର୍ଷ | ଘଟଣାବଳୀ |
|---|---|---|
| 1. | 1857 | ମେ 10-ସିପାହୀ ବିଦ୍ରୋହ |
| 2. | 1863 | ଭାରତୀୟ ପରିଷଦ ଆଇନ |
| 3. | 1872 | ଭାରତର ପ୍ରଥମ ଜନଗଣନା |
| 4. | 1876 | ସ୍ୱାମୀ ଦୟାନନ୍ଦ ସରସବତୀଙ୍କ ଦ୍ୱାରା ବ୍ରହ୍ମୋ ସମାଜ ଗଠନ |

A) Sl.No. 1 B) Sl.No. 2 C) Sl.No. 3 D) None of these

**76.** Which of the following is the most densely populated state of India?

A) Uttar Pradesh B) West Bengal C) Kerala D) Delhi

ଭାରତର ନିମ୍ନଲିଖିତ କେଉଁ ରାଜ୍ୟ ସବୁଠୁ ଜନବହୁଳ ଅଟେ?

A) ଉତ୍ତରପ୍ରଦେଶ B) ପଶ୍ଚିମବଙ୍ଗ C) କେରଳ D) ଦିଲ୍ଲୀ

**77.** Who of the following is the latest recipient of prestigious Dadasaheb Falke Award?

A) Shyam Benegal C) Gulzar

B) Manna Dey D) Adoor Gopalkrishnan

ନିମ୍ନଲିଖିତ କେଉଁ ବ୍ୟକ୍ତି ସମ୍ପ୍ରତି ସମ୍ମାନଜନକ 'ଦାଦା ସାହେବ ଫାଲକେ' ପୁରସ୍କାର ପ୍ରାପ୍ତ ହୋଇଛନ୍ତି ?

A) ଶ୍ୟାମ ବେନେଗାଲ C) ଗୁଲଜାର

B) ମାନ୍ନା ଦେ D) ଅଦୁର ଗୋପାଳକୃଷ୍ଣ

**78.** The famous Poem " Bande Utkala Janani" was composed by-

A) Godabarish Mishra C) Laxmikanta Mohapatra

B) Godabarish Mohapatra D) Madhusudan Rao

ଖ୍ୟାତନାମା କବିତା "ବନ୍ଦେ ଉତ୍କଳ ଜନନୀ" ର ରଚୟିତା କିଏ ?

A) ଗୋଦାବରୀଶ ମିଶ୍ର C) ଲକ୍ଷ୍ମୀକାନ୍ତ ମହାପାତ୍ର

B) ଗୋଦାବରୀଶ ମୋହାପାତ୍ର D) ମଧୁସୂଦନ ରାଓ

**79.** Which one of the following statements is incorrect?

The chief functions of the heart is to-

i. supply pure blood to all parts of the body.

ii. collect impure blood from organs of the body.

iii. to supply oxygen to blood.

iv. pump impure blood into lungs for purification.

A) only i is incorrect
B) only ii is incorrect
C) only iii is incorrect
D) only iv is incorrect

ନିମ୍ନୋକ୍ତ କେଉଁ ବାକ୍ୟଟି ଭୁଲ ଅଛି ?

ହୃତ୍ ପିଣ୍ଡର ମୁଖ୍ୟ କାର୍ଯ୍ୟ ଗୁଡିକ ହେଲା –

i) ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ କୁ ବିଶୁଦ୍ଧ ରକ୍ତ ଯୋଗାଇବା

ii) ଶରୀରର ବିଭିନ୍ନ ଅଙ୍ଗରୁ ଦୂଷିତ ରକ୍ତ ସଂଗ୍ରହ କରିବା

iii) ରକ୍ତକୁ ଅମ୍ଳଜାନ ଯୋଗାଇବା

iv) ଫୁସଫୁସକୁ ବିଶୋଧନ ପାଇଁ ଦୂଷିତ ରକ୍ତ ପଠେଇବା

A) କେବଳ i ଭୁଲ
B) କେବଳ ii ଭୁଲ
C) କେବଳ iii ଭୁଲ
D) କେବଳ iv ଭୁଲ

**80.** Given below is a column of "Deserts" and another column of "Continent" in which they exist. Find out the correct answer out of the four options given below showing the correct matching between them.

| **Sl.No.** | **Deserts** | **Sl.No.** | **Continents** |
|---|---|---|---|
| i. | Sahara | a. | Asia |
| ii. | Gobi | b. | Africa |
| iii. | Kalahari | c. | Australia |
| iv. | Takla Makan | d. | North America |

A) i-b; ii-a; iii-b &iv-a
B) i-b; ii-b; iii-d & iv-c
C) i-a; ii-a; iii-c & iv-d
D) i-d; ii-a; iii-c & iv-b

ନିମ୍ନରେ ଗୋଟିଏ ସ୍ତମ୍ଭରେ ମରୁଭୂମି ଏବଂ ଅନ୍ୟଟିରେ ସେହି ମରୁଭୂମି ଥିବା ମହାଦେଶର ନାମ ଦିଆଯାଇଅଛି । ତା'ତଳେ ଦିଆଯାଇଥିବା ଚାରୋଟି ଉତ୍ତର ମଧ୍ୟରୁ ସଠିକ ଉତ୍ତରଟି ଚୟନକର ଯଦ୍ଵାରା ଉଭୟ ସ୍ତମ୍ଭରେ ଥିବା ତଥ୍ୟ ଗୁଡିକର ସଠିକ୍ ମେଳ ସୂଚାଉ ଥିବ ।

| **କ୍ରମିକ ସଂଖ୍ୟା** | **ମରୁଭୂମିର ନାମ** | **କ୍ରମିକ ସଂଖ୍ୟା** | **ମହାଦେଶ** |
|---|---|---|---|
| 1 | ସାହାରା | a. | ଏସିଆ |
| 2 | ଗୋବୀ | b. | ଆଫ୍ରିକା |
| 3 | କାଲାହାରି | c. | ଅଷ୍ଟ୍ରେଲିଆ |
| 4 | ତାକ୍ଲାମାକାନ | d. | ଉତ୍ତର ଆମେରିକା |

A) i-b; ii-a; iii-b &iv-a
B) i-b; ii-b; iii-d & iv-c
C) i-a; ii-a; iii-c & iv-d
D) i-d; ii-a; iii-c & iv-b

**81.** The first Competitive Examination for ICS was held in the year-

A) 1846 B) 1848 C) 1851 D) 1853

ଭାରତୀୟ ସିଭିଲ ସାର୍ଭିସର ପ୍ରଥମ ପ୍ରତିଯୋଗୀତା ମୂଳକ ପରୀକ୍ଷା କେଉଁ ବର୍ଷ ହୋଇଥିଲା ?

A) 1846 B) 1848 C) 1851 D) 1853

**82.** Which of the following statements is not true of Bhagat Singh?

A) He was a great Indian freedom fighter.
B) He popularized the slogan Inquilab Zindabad.
C) He was hanged in Lahore conspiracy case on 23, March, 1931.
D) He wasa member of the Indian Muslim League.

ସହିଦ ଭଗତ ସିଂଙ୍କ ସମ୍ବନ୍ଧରେ ନିମ୍ନୋକ୍ତ କେଉଁ ଉକ୍ତିଟି ଭୁଲ ?

A) ସେ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଥିଲେ।
B) ଇନ୍ କିଲାବ୍ ଜିନ୍ଦାବାଦ୍ ସ୍ଲୋଗାନ୍ କୁ ସେ ଜନପ୍ରିୟ କରିଥିଲେ ।
C) 1931ମସିହା ମାର୍ଚ୍ଚ 23 ତାରିଖ ଦିନ ଲାହୋର ଷଡଯନ୍ତ୍ର ମାମଲାରେ ତାଙ୍କୁ ଫାଶୀ ଦିଆଯାଇଥିଲା ।
D) ସେ ଭାରତୀୟ ମୁସଲିମ ଲିଗର ଜଣେ ସଦସ୍ୟ ଥିଲେ ।

**83.** Nobel Prize for Peace for 2015 has been awarded to the Tunisian National Dialogue Quartet, an association of four civil society organizations of Tunisia for its contribution to-

A) pluralistic democracy C) 2013 Jasmine Revolution
B) children education D) peaceful coexistence with neighbouring countries

ଟ୍ୟୁନିସିଆର ଚାରୋଟି ସିଭିଲ ସୋସାଇଟିର ଏକ ସଂଘୀୟା ସଂସ୍ଥା 'ନେସନଲ ଡାଇଲଗ କ୍ୱାର୍ଟେଟ'କୁ ତା'ର କେଉଁ ଅବଦାନ ପାଇଁ 2015 ମସିହାର ଶାନ୍ତି ନୋବେଲ ପୁରସ୍କାର ପ୍ରଦାନ କରାଯାଇଅଛି ?

A) ପ୍ଲୁରାଷ୍ଟିକ ଗଣତନ୍ତ୍ର C) 2013ର ଜସ୍ମିନ୍ ବିଦ୍ରୋହ
B) ଶିଶୁ ଶିକ୍ଷା D) ପଡୋଶୀ ଦେଶମାନଙ୍କ ସହିତ ଶାନ୍ତିପୂର୍ଣ୍ଣ ସହାବସ୍ଥାନ

**84.** The rate of female for 1000 male in Odisha as per Census-2011 is-

A) 968 B) 978 C) 988 D) 998

2011 ଜନଗଣନା ଅନୁସାରେ ଓଡିଶାରେ ପ୍ରତି 1000ପୁରୁଷରେ ମହିଳାଙ୍କ ହାର କେତେ ?

A) 968 B) 978 C) 988 D) 998

**85.** The average salinity of the ocean water is-

A) 1.5% B) 2.5% C) 3.5% D) 4.0%

ସମୁଦ୍ର ଜଳର ହାରାହାରି ଲବଣତା କେତେ ?

A) 1.5% B) 2.5% C) 3.5% D) 4.0%

**86.** On which of the following dates is the night at Arctic Circle of 24 hours duration?

A) December, 22 B) November, 22 C) October, 23 D) September, 22

ନିମ୍ନୋକ୍ତ କେଉଁ ତାରିଖରେ ସୁମେରୁ ବୃତ୍ତରେ ୨୪ ଘଣ୍ଟା ବ୍ୟବଧାନର ରାତି ହୋଇଥାଏ?

A) ଡିସେମ୍ବର ୨୨ B) ନଭେମ୍ବର ୨୨ C) ଅକ୍ଟୋବର ୨୩ D) ସେପ୍ଟେମ୍ବର ୨୨

**87.** The Right to property was abolished as fundamental but made a legal right by-

A) 26th amendment of 1971
B) 36th amendment of 1975
C) 31st amendment of 1973
D) 44th amendment of 1978

ଭାରତରେ କେଉଁ ସମ୍ବିଧାନ ସଂଶୋଧନ ଦ୍ୱାରା ସମ୍ପତ୍ତି ଅଧିକାର ଉଚ୍ଛେଦ ଏବଂ ତାକୁ ଆଇନଗତ ଅଧିକାର କରାଗଲା ?

A) 26th amendment of 1971
B) 36th amendment of 1975
C) 31st amendment of 1973
D) 44th amendment of 1978

**88.** The first session of Odisha Assembly after Independence was held in-

A) Barabati Fort, Cuttack
B) Swaraj Ashram, Cuttack
C) Ravenshaw Conference Hall, Cuttack
D) Sardar Patel Hall, Bhubaneswar

ସ୍ୱାଧୀନତା ପରେ ଓଡ଼ିଶା ବିଧାନ ସଭାର ପ୍ରଥମ ଅଧିବେଶନ କେଉଁଠାରେ ବସିଥିଲା?

A) ବାରବାଟୀ ଦୁର୍ଗ, କଟକ
B) ସ୍ୱରାଜ ଆଶ୍ରମ, କଟକ
C) ରେଭେନ୍ସା ସମ୍ମିଳନୀ କକ୍ଷ, କଟକ
D) ସରଦାର ପଟେଲ କକ୍ଷ, ଭୁବନେଶ୍ୱର

**89.** Which of the following statements about Rabindranath Tagore is false?

A) He was the first Indian to get Nobel Prize for Literature in 1913.
B) He was the founder of Shantiniketan.
C) He authored Gitanjali, Gora and Post Office.
D) None of these

ରବୀନ୍ଦ୍ରନାଥ ଠାକୁରଙ୍କ ବିଷୟରେ ନିମ୍ନରେ ପ୍ରଦତ୍ତ କେଉଁ ବକ୍ତବ୍ୟଟି ଭୁଲ?

A) 1913 ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ସେ ହେଉଛନ୍ତି ପ୍ରଥମ ଭାରତୀୟ ।
B) ସେ ଶାନ୍ତିନିକେତନର ପ୍ରତିଷ୍ଠାତା।
C) ଗୀତାଞ୍ଜଳୀ, ଗୋରା ଏବଂ ପୋଷ୍ଟ ଅଫିସ ସେ ରଚନା କରିଥିଲେ।
D) କୌଣସିଟି ନୁହେଁ

**90.** Sarala Das, the great Odia poet, flourished in the court of-

A) Prataprudra Dev
B) Kapilendra Dev
C) Purusottam Dev
D) Narasimha Dev-I

ମହାନ ଓଡ଼ିଆ କବି ସାରଳା ଦାସ କାହାର ରାଜ ଦରବାରରେ ଖ୍ୟାତି ଅର୍ଜନ କରିଥିଲେ ?

A) ପ୍ରତାପ ରୁଦ୍ର ଦେବ B) କପିଳେନ୍ଦ୍ର ଦେବ C) ପୁରୁଷୋତ୍ତମ ଦେବ D) ନରସିଂହ ଦେବ-I

**91.** The River Sileru in its upper reaches is called-

A) Saberi B) Machhkund C) Mathili D) Potteru

ସିଲେରୁ ନଦୀର ଉପର ମୁଣ୍ଡକୁ କଣ କୁହାଯାଏ ?

A) ସାବେରୀ B) ମାଛକୁଣ୍ଡ C) ମାଥିଲି D) ପୋଟେରୁ

92. Which of the following series of countries in the world has been arranged in sequence of smaller to bigger in terms of geographical area?

A) India, Australia & United States
C) United States, China & India
B) Brazil, Australia & Argentina
D) Canada, China & India

ପୃଥିବୀର ନିମ୍ନୋକ୍ତ କେଉଁ ଦେଶ ସମୂହ ଭୌଗୋଳିକ କ୍ଷେତ୍ରଫଳ ଅନୁସାରେ ସାନରୁ ବଡ କ୍ରମରେ ସଜା ହୋଇଛି ?

A) ଭାରତ, ଅଷ୍ଟ୍ରେଲିଆ, ଏବଂ ଆମେରିକା
C) ଆମେରିକା, ଚୀନ, ଏବଂ ଭାରତ
B) ବ୍ରାଜିଲ, ଅଷ୍ଟ୍ରେଲିଆ ଏବଂ ଆର୍ଜେଣ୍ଟିନା
D) କାନାଡା, ଚୀନ ଏବଂ ଭାରତ

93. Which of the following is not an Indian river?

A) Sabarmati B) Periyar C) Hugli D) Ravi

ନିମ୍ନ ଲିଖିତ କେଉଁଟି ଭାରତୀୟ ନଦୀ ନୁହେଁ ?

A) ସାବରମତି B) ପେରିୟାର C) ହୁଗୁଳି D) ରବି

94. Find out which of the following pairs of year and event is incorrect?

| Sl.No. | Year | Event |
|---|---|---|
| 1. | 599 BC | Birth of Mahavir at Kundagram, Vaishali |
| 2. | 569 BC | Mahavir attains enlightenment at Rajgriha |
| 3. | 563 BC | Birth of Goutam Buddha at Lumbini, Nepal |
| 4. | 528 BC | Siddhartha attains Nirvan at Bodh Gaya |
| 5. | 265 BC | Kalinga war and Ashok's conversion to pacifism |

A) Sl.No.1 B) Sl.No.3 C) Sl.No.4 D) Sl.No.5

ନିମ୍ନରେ ଦିଆଯାଇଥିବା ଗୁରୁତ୍ୱ ପୂର୍ଣ୍ଣ ବର୍ଷ ଏବଂ ସେଇ ବର୍ଷର ସଂଗଠିତ ଘଟଣାବଳୀର ଯୋଡି ମାନଙ୍କ ମଧ୍ୟରୁ କେଉଁଟି ଭୁଲ ଚୟନ କର ।

| କ୍ରମିକ ସଂଖ୍ୟା | ବର୍ଷ | ଘଟଣାବଳୀ |
|---|---|---|
| 1 | 599BC | ବୈଶାଳୀର କୁଣ୍ଡ ଗ୍ରାମ ଠାରେ ମହାବୀରଙ୍କ ଜନ୍ମ |
| 2 | 569BC | ରାଜଗୃହ ଠାରେ ମହାବୀରଙ୍କ ଜ୍ଞାନାଲୋକ ପ୍ରାପ୍ତି |
| 3 | 563BC | ନେପାଳର ଲୁମ୍ବିନୀଠାରେ ଗୌତମ ବୁଦ୍ଧଙ୍କ ଜନ୍ମ |
| 4 | 528BC | ବୋଦ୍ଧଗୟାଠାରେ ସିଦ୍ଧାର୍ଥଙ୍କ ନିର୍ବାଣ ପ୍ରାପ୍ତି |
| 5 | 265BC | ଅଶୋକଙ୍କ କଳିଙ୍ଗ ଯୁଦ୍ଧ ଏବଂ ଶାନ୍ତିବାଦକୁ ପ୍ରବର୍ତ୍ତନ |

A) Sl.No.1 B) Sl.No.3 C) Sl.No.4 D) Sl.No.5

95. Which of the following pairs of terms and sports it is associated with is incorrect?

A) Stalemate - Chess;
B) Scoop - Hockey/Football
C) Upper cut - Weightlifting
D) Chinaman - Cricket;

ନିମ୍ନରେ ପ୍ରଦତ୍ତ ପଦ ଏବଂ ତାହା ସହିତ ସଂଶ୍ଳିଷ୍ଟ ଖେଳର ନାମ ଯୋଡି ମାନଙ୍କ ମଧ୍ୟରୁ କେଉଁଟି ଭୁଲ ଚୟନ କର ?

A) ଷ୍ଟେଲମେଟ - ଚେସ
B) ସ୍କୁପ - ହକି/ଫୁଟବଲ
C) ଅପର କଟ - ଭାର ଉତ୍ତୋଳନ
D) ଚାଇନା ମ୍ୟାନ୍ - କ୍ରିକେଟ

96. The national anthem was adopted by the Constituent Assembly on-

A) 24th Jan., 1950 C) 26th Jan., 1952

B) 26th Jan, 1954 D) 15th Aug., 1956

କେଉଁ ତାରିଖରେ ଭାରତର ଜାତୀୟ ସଙ୍ଗୀତ ସମ୍ବିଧାନ ପ୍ରଣୟନ ସଂସ୍ଥା ଦ୍ୱାରା ଗୃହିତ ହେଲା?

A) 24th Jan., 1950 C) 26th Jan., 1952

B) 26th Jan, 1954 D) 15th Aug., 1956

97. Which of the following is not a river of the Southern India?

A) Mahanadi B) Krishna C) Narmada D) Chambal

ନିମ୍ନ ଲିଖିତ କେଉଁଟି ଦକ୍ଷିଣ ଭାରତର ଏକ ନଦୀ ନୁହେଁ ?

A) ମହାନଦୀ B) କ୍ରୀଷ୍ଣା C) ନର୍ମଦା D) ଚମ୍ବଲ

98. Fall of sea temperature below normal in the Pacific Ocean which turns heat waves into cold spells and drought into deluge is called-

A) Jet stream B) La Nina C) Cold burst D) Cold breeze

ଅତି ଗରମ ପାଗକୁ ଥଣ୍ଡା ପାଗ ଏବଂ ଅନାବୃଷ୍ଟିକୁ ପ୍ରବଳ ବନ୍ୟାରେ ପରିବର୍ତ୍ତନ କରିପାରୁଥିବା ସାଧାରଣ ତାପମାନଠାରୁ ପ୍ରଶାନ୍ତ ମହାସାଗରର ସାମୁଦ୍ରିକ ତାପମାତ୍ରାର ହ୍ରାସ ଅବସ୍ଥାକୁ କ'ଣ କୁହାଯାଏ ?

A) ଜେଟ୍ ଷ୍ଟ୍ରିମ B) ଲା ନୀନା C) କୋଲ୍ଡ ବର୍ଷ୍ଟ D) କୋଲ୍ଡ ବ୍ରିଜ୍

99. Biogas contains a mixture of-

A) 55% methane & 45% carbon dioxide C) 58% methane & 42% nitrogen

B) 45% methane & 55% carbon dioxide D) None of these

ବାୟୋଗ୍ୟାସରେ ଥିବା ମିଶ୍ରଣର ଉପାଦାନ ଗୁଡିକର ପରିମାଣ କେତେ ?

A) 55% methane & 45% carbon dioxide C) 58% methane & 42% nitrogen

B) 45% methane & 55% carbon dioxide D) None of these

100. What is the name of the new Department of Odisha Government that has been created with effect from 1st July, 2015 ?

A) Persons with Disability Welfare

B) Minority and Backward Classes Welfare

C) Social Securities & Empowerment of Persons with Disability

D) Micro, Small & Medium Enterprises

ଓଡିଶା ସରକାରଙ୍କର ନିମ୍ନଲିଖିତ କେଉଁ ବିଭାଗ ସମ୍ପ୍ରତି ସୃଷ୍ଟି ହୋଇଅଛି ?

A) ଭିନ୍ନକ୍ଷମ ମଙ୍ଗଳ C) ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ

B) ସଂଖ୍ୟା ଲଘୁ ଏବଂ ପଛୁଆ ଶ୍ରେଣୀ ଉନ୍ନୟନ D) ସୂକ୍ଷ୍ମ, କ୍ଷୁଦ୍ର ଏବଂ ମାଧ୍ୟମ ଉଦ୍ୟୋଗ

SEAL